# ନିର୍ମାଣକୁ ଗୁରୁତ୍ୱ, ମରାମତି ପ୍ରତି ଦୃଷ୍ଟି ଦେଉନାହାନ୍ତି ଏନଏସି କର୍ତ୍ତୃପକ୍ଷ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ ଏ ସି ଗଠନକୁ ୧୩ ବର୍ଷ ବିତି ଯାଇଥିବା ବେଳେ ସରକାରୀ ଅନୁଦାନ ଅର୍ଥରେ ଯାହା କିଛି ନିର୍ମାଣ କାର୍ଯ୍ୟ କରାଯାଇଛି ଏବେ ଅଧିକାଂଶ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ମରାମତି ଆବଶ୍ୟକ ହେଲାଣି । ତେବେ ଏନଏସି କର୍ତ୍ତୃପକ୍ଷ ମରାମତି କାର୍ଯ୍ୟ ଗୁଡ଼ିକୁ ଗୁରୁତ୍ୱ ନଦେଇ ଅର୍ଥ ମଞ୍ଜୁର ହେଉଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକୁ ପ୍ରାଧାନ୍ୟ ଦେଉଥିବା ଦେଖା ଯାଉଛି । ଫଳରେ ପୂର୍ବରୁ କରାଯାଇଥିବା କାର୍ଯ୍ୟ ଗୁଡ଼ିକ ଦୀର୍ଘ ମିଆଦୀ ନହୋଇ କମ ଦିନ ମଧ୍ୟରେ ଭାଙ୍ଗି ରୁଜି ଯାଉ ଥିବାରୁ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ମରାମତି ସହିତ ଆବଶ୍ୟକ ହେଉଥିବା କାର୍ଯ୍ୟ ଗୁଡ଼ିକ ପ୍ରତି ଏନ ଏ ସି କର୍ତ୍ତୃପକ୍ଷଙ୍କ ନିଘା ରହୁ ନାହିଁ । ଏନ ଏ ସି ୨ ନଂ ୱାର୍ଡ ଅନ୍ତର୍ଗତ ମୁଣ୍ଡହତା ସାହି ଠାରୁ ମା ରନେଶ୍ୱରିଙ୍କ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ନବୀକରଣର ଆବଶ୍ୟକତା ଥିବା ବେଳେ ବିଗତ ବର୍ଷ ଶେଷ ଭାଗରେ ପାରିଷଦ ବର୍ଗ ବୈଠକରେ ତାକୁ ଗୁରୁତ୍ୱ ଦିଆ ଯାଇନଥିଲା । ଫଳରେ ସୁରକ୍ଷା ବାଡ ଅଭାବରୁ ଭକ୍ତଙ୍କୁ ବିପଦ ସଙ୍କୁଳ ରାସ୍ତାରେ ମାଙ୍କ ମନ୍ଦିରଙ୍କୁ ଯିବାକୁ ପଡୁଛି ।

ସେହିଭଳି ସେହି ୱାର୍ଡ ଅନ୍ତର୍ଗତ ବାଙ୍କୁଆଳ ସାହି ରାସ୍ତାର ନିର୍ମାଣ କାର୍ଯ୍ୟ ତିନି ଚାରି ବର୍ଷ ପୂର୍ବେ କରା ଯାଇ ଥିଲେ ମଧ୍ୟ ଅବସ୍ଥା ଯଥା ପୂର୍ବମ ତଥା ପରମ ଭଳି । ତହସିଲ କାର୍ଯ୍ୟାଳୟ ନିକଟସ୍ଥ ଶିଶୁ ଉଦ୍ୟାନ ସମ୍ମୁଖ ଫାଟକ ସଂଲଗ୍ନ ଫେବର୍ କାର୍ଯ୍ୟର କିଛି ଅଂଶ ଭାଙ୍ଗି ରୁଜି ଯାଇଥିଲେ ମଧ୍ୟ ସେଥିପ୍ରତି କାହାର ଦୃଷ୍ଟି ପଡୁ ନାହିଁ । ୨ ନଂ ୱାର୍ଡ ପଠାଣି ପୋତା ସାହି କଂକ୍ରିଟ ଯାହା ରାସ୍ତା ଯାହା ନନ୍ଦିନୀଆ ଦିଗକୁ ଯାଇ ଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଛି ନିଯିଗଡ ପଞ୍ଚାୟତ ଥିବା ସମୟରେ ୨୦୦୦ -୨୦୦୧ ମସିହାରେ ଶେଷ ଥର ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇ ଥିଲା । ତାପର ଠାରୁ ଗ୍ରାମ୍ୟ ରାସ୍ତା ପ୍ରତି ଏନ ଏ ସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡି ନାହିଁ । ସେହି ରାସ୍ତାର ଅବସ୍ଥା ନ କହିଲେ ଭଲ । ଏନ ଏ ସି ର ୧୨ ନଂ ୱାର୍ଡ ତାରିଣୀ ବିହାର ନିକଟରେ ମୁଖ୍ୟ ରାସ୍ତା ପାଖକୁ ଲାଗି ୨୦୨୨-୨୩ ଆର୍ଥିକ ବର୍ଷରେ ୨୧ ଲକ୍ଷ ୮ ହଜାର ୪୩୫ ଟଙ୍କା ଅଟକଳ ମୂଲ୍ୟରେ ନିର୍ମିତ ହୋଇ ଥିବା ପାର୍କ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ଲତାବୁଦା ଘେରା ମଧ୍ୟରେ ପଡି ରହିଛି । ଉକ୍ତ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ଚଳୁ ହୋଇଥିବା ନେଇ ସେହି ସମୟରେ ଭିଜିଲାନ୍ସ ଦାବି ଜୋର୍ ଧରି ଥିଲା । ଅନେକାଂଶରେ ୱାର୍ଡ ମାନଙ୍କରେ ଉନ୍ନୟନମୂଳକ କାର୍ଯ୍ୟ ଉନ୍ନତମାନର କରା ନଯାଇ ଲୋକ ଦେଖାନିଆ କରାଯାଇ ଥିବାରୁ କାର୍ଯ୍ୟ ଗୁଡ଼ିକ ଧୀରେ ଧିରେ ନଷ୍ଟ ହେବାକୁ ଲାଗିଲାଣି । କର୍ତ୍ତୃପକ୍ଷ ସେଗୁଡିକ ପ୍ରତି ନଜର ଦେବାକୁ ଅଞ୍ଚଳବାସୀ ଦୃଢ ଦାବି କରିଛନ୍ତି ।

# ବ୍ରାହ୍ମଣୀ ନଦୀରୁ ଶହଶହ ଟ୍ରିପ ବାଲି ଚାଲାଣ : ଲଘୁ ଖଣିଜ ବିଭାଗ ନୀରବଦ୍ରଷ୍ଟା

ପରଜଙ୍ଗ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବ୍ରାହ୍ମଣୀ ନଦୀରୁ ଦୈନିକ ଶହଶହ ଟ୍ରିପ ବାଲି ଚାଲାଣ ହେଉଛି । ରାଜସ୍ୱ ବିଭାଗ ଠାରୁ ନିଲାମ କରି ଲଘୁ ଖଣିଜ ବିଭାଗଏହାର ତଦାରଖ କରୁଥିବା ବେଳେକେବଳ ନିରବ ଦ୍ରଷ୍ଟା ସାଜିଥିବାରୁ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ସହିତ ବାଲିମାଫିଆ ମାନେ ମାଲେମାଲ ହେଉଥିବାର ଜଣାପଡିଛି ।

ପରଜଙ୍ଗ ବ୍ଲକର ସାଆନ୍ଦା ତରହତା ଠାରୁ ବ୍ରାହ୍ମଣୀ ନଦୀ କୂଳେ କୂଳେ ଅର୍ଦ୍ଧ ଗୋଲାକାର ଭବେ ବସୁଲେଇ ପର୍ଯ୍ୟନ୍ତ ଅନେକ ସ୍ଥାନରେ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ଚୋରା ବାଲି ଚାଲାଣ ହେଉଥିବାର ଅଭିଯୋଗ ହେଉଅଛି । ରାଜସ୍ୱ ବିଭାଗ ଏହାର ମାଲିକ ଥାଇ ନିଲାମ କରି ରାଜସ୍ୱ ଆଦାୟ କରୁଥିବା ବେଳେ ଏବେ ଏହା ଲଘୁ ଖଣିଜ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଅଛି ।

ଉକ୍ତ ଲଘୁ ଖଣିଜ ବିଭାଗର କର୍ମଚାରୀ ମାନେ ତାଳଚେରରେ ରହି ଉକ୍ତ ବାଲିଘାଟ ପ୍ରତି ଭିତିରି ଦୃଷ୍ଟି ରଖି ବାଲି ମାଫିଆଙ୍କ ସହ ମଧୁଚନ୍ଦ୍ରିକା କରି ନିରବ ଦ୍ରଷ୍ଟା ସାଜି ବସିଛନ୍ତି । ମେସିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଇ ଚୋରା ଚାଲାଣ ହେବା ସହ, ରାତ୍ରି ସମୟରେ ବାଲି ଉତ୍ତୋଳନ କରିଯାଇ ଡିପୋ କରାଯାଉଛି । ଏସବୁ ଲଘୁ ଖଣିଜ ବିଭାଗ ଦେଖି ମଧ ଧର୍ମକୁ ଆଖିଠାର ମାରୁଛନ୍ତି । ମାତ୍ର ଦୁଇଟି ଘାଟ ନିଲାମ ହୋଇଥିବାର ଜଣାପଡିଛି ।

ଅନ୍ୟ ଗୁଡ଼ିକ ପ୍ରତି ଲଘୁ ଖଣିଜ ବିଭାଗ ନିଲାମ ନକରି ବାଲି ମାଫିଆଙ୍କ ସହ ହାତ ମିଳାଇ ମଧୁ ଚନ୍ଦ୍ରିକା କରୁଥିବାର ଜଣାପଡିଛି । ପୋଲିସ ପେଟ୍ରୋଲିଙ୍ଗ ବେଳେ ରାସ୍ତାରେ ବାଲି ବୋଝେଇ ଗାଡ଼ି ଗୁଡ଼ିକ ସିଜ୍ କରି ତହସିଲକୁ ହସ୍ତାନ୍ତର କଲେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏହା ଲଘୁ ଖଣିଜ ବିଭାଗର ଦାୟିତ୍ୱ ହୋଇଥିବାରୁ ତହସିଲ ଚୁପ ରହୁଛି । ଗରିବ ଜନସାଧାରଣ ଘର କରିବା ପାଇଁ ବାଲି ଗଣ୍ଡେ ପାଉ ନ ଥିବା ବେଳେ ବାଲି ସବୁ ତାଳଚେର, ଅନୁଗୋଳ, ଜିଲ୍ଲା ଶିଳ୍ପ ଅଞ୍ଚଳକୁ ଯାଉଥିବା ବେଳେ ଚୋରା ବାଟ ଦେଇ ରାତି ଅଧିଆ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନକୁ ମଧ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି । ଏହି ଚୋରା ବାଲି ଚାଲାଣକୁ ରୋକା ଯାଇ ପାରିଲେ, ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି ।

# ୪୦ କେଜି ଗଞ୍ଜେଇ ସହ କାର ଜବତ: ଦୁଇ ଗିରଫ

ଆଠମଲ୍ଲିକ, (ସବ୍ୟୁ) : ଫୁଲବାଣୀ ବାଲିଗୁଡାରୁ କଲିକତା ଅଭିମୁଖେ କାର ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଆଠମଲ୍ଲିକ ଅବକାରୀ ବିଭାଗ ତରଫରୁ ନୂଆଗଡ ବ୍ରିଜ ନିକଟରେ ତନଖି କରି ଏକ ଗଞ୍ଜେଇ ଭର୍ତ୍ତି କାରକୁ ଜବତ କରି ଦୁଇ ଜଣଙ୍କୁ ଅଟକ ରଖିଥିଲେ। ଅବକାରୀ ବିଭାଗ ଅଧିକାରୀଙ୍କ କହିବା ଅନୁଯାଇ ସକାଳ ୫:୩୦ ମିନିଟ ସମୟରେ ନୂଆଗଡ ବ୍ରିଜ ନିକଟରେ କାରକୁ ଅଟକାଇ ଥିଲେ। କାର ଭିତରୁ ଜବତ ହୋଇଥିବା ଗଞ୍ଜେଇ ୪୦ କେଜି ଥିବା ବେଳେ ଦିଲ୍ଲୀପ କୁମାର ମଣ୍ଡଳ (୪୫),ବିଜୁ ମଣ୍ଡଳ (୩୭ଙ୍କୁ ଅଟକ ରଖି କାର୍ଯ୍ୟାଳୟରେ ପଚାରଥିଲେ। ଚଢ଼ାଉ ସମୟରେ ଆଠମଲ୍ଲିକ ଅବକାରୀ ବିଭାଗର ସବ ଇନିସପେକଟର ମାଧବେଶ ମାରାଣ୍ଡି, ଏ ଏସ ଆଇ ସୁରେନ୍ଦ୍ର ପ୍ରଧାନ, କନେଷ୍ଟବଳ ସଂଗ୍ରାମ କେଶରୀ ଦେହୁରୀ, ଅଜୟ କୁମାର ନାଏକ, ରୁପାଲୀ ବେହେରା ସାମିଲ ଥିଲେ। ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗ ପି ଆର ନମ୍ବର ୩୦୪/୨୫-୨୬ ରେ କେଶ ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ବେଲ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠେଇ ଦିଆଯାଇଛି। ଅଭିଯୁକ୍ତଙ୍କ ଘର କଲିକତା ଅଞ୍ଚଳ ବୋଲି ଜଣାପଡିଛି। ଜବତ ଗଞ୍ଜେଇର ମୂଲ୍ୟ ଚାରି ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ତରଫରୁ ସୂଚନା ମିଳିଛି।



# ମିଳୁନି ରନ୍ଧନ ଗ୍ୟାସ, ଗ୍ରାହକ ହନ୍ତସନ୍ତ

ଧାମନଗର , (ସବ୍ୟୁ): ଗତ କିଛିଦିନ ହେବ ଧାମନଗରରେ ରନ୍ଧନଗ୍ୟାସର ଘୋର ଅଭାବ ଦେଖାଦେଇଛି ।ଧାମନଗର ସହର ଓ ବ୍ଲକର ବିଭିନ୍ନ ଅଞ୍ଚଳରରେ ଛତୁ ଫୁଟିଲା ଭଳି ବେଆଇନ ରନ୍ଧନଗ୍ୟାସ ବ୍ୟବସାୟ ଚାଲୁଥିବାବେଳେ ଆବଶ୍ୟକ ବେଳେ ସେମାନେ କାମରେ ଲାଗୁ ନାହାନ୍ତି । କେତେକ ବ୍ୟବସାୟୀ କୃତ୍ରିମ ଅଭାବ ସୃଷ୍ଟିକରି ଚଢା ଦରରେ ବିକ୍ରୟ କରୁଥିବାର ଅଭିଯୋଗ ହେଉଛି ।

ଧାମନଗର ପରୀ ଇଣ୍ଡେନ ଗ୍ୟସ ଏଜେନ୍ସୀ ଏକ ସରକାରୀ ଲାଇସେନସପ୍ରାପ୍ତ ବ୍ୟବସାୟ ରହିଛି ।ଏଠାରେ ଗତ ତିନିଦିନ ହେବ ଗ୍ୟାସର ଅଭାବ ଦେଖାଦେଇଛି ।କମ୍ପାନୀରେ ଅର୍ଥ ପୈଠ ହୋଇଛି । ଗ୍ୟାସ ଆସିଲେ ଲୋକଙ୍କୁ ଦିଆଯିବ ବୋଲି ମାଲିକ ଅନନ୍ତ ଜେନା କହିଥିବାବେଳେ ଗ୍ରାହକମାନେ ଘରେ ମହଜୁଦ ରଖିବା ପାଇଁ ଅଯଥା ଭିଡ କରୁଛନ୍ତି ବୋଲି କହିଛନ୍ତି ।ଭଦ୍ରକ ଜିଲ୍ଲାର ବହୁ ପୁରାତନ ରନ୍ଧନଗ୍ୟସ ବିତରକ ସଂସ୍ଥା ଶ୍ରୀ ଜଗନ୍ନାଥ ଗ୍ୟାସ ଏଜେନ୍ସୀ ଗ୍ରାହକମାନଙ୍କୁ ନାହିଁନଥିବା ହଇରାଣ କରୁଛି । ।ଗତ ୧୫ ଦିନ ତଳୁ ଉକ୍ତ ସଂସ୍ଥାରେ ଗ୍ୟାସ ବୁକିଂ କରାଯାଇଥିଲେ ମଧ୍ୟ ଧାମନଗର ପାଇଁ ନିୟୋଜିତ ବିତରକ ବ୍ୟକ୍ତିଙ୍କ ଦେଖାଦର୍ଶନ ନାହିଁ କିମ୍ବା ତାଙ୍କୁ ଫୋନରେ ଯୋଗାଯୋଗ କରାଯାଇ ପାରୁନାହିଁ ।

ଧାମନଗର ସହରରେ ୪ ଜଣ ବେଆଇନ ଭାବେ ରନ୍ଧନଗ୍ୟାସ ବିକ୍ରୟ କରୁଥିବା ବ୍ୟବସାୟୀ ବର୍ତ୍ତମାନ ତିରୋଟ ସମୟରେ ଲୋକଙ୍କ ସହ ଲୁଚକାଳି ଖେଳୁଛନ୍ତି । ରନ୍ଧନଗ୍ୟାସ ର ଅଭାବ ନାହିଁ ବୋଲି ସରକାର କହୁଛନ୍ତି । ଏପରି ସମୟରେ ଲୋକମାନେ କିପରି ସହଜରେ ରନ୍ଧନଗ୍ୟାସ ପାଇପାରିବେ ସେନେଇ ଭଦ୍ରକ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି ।

# ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣିର ହିନ୍ଦୀ ଅନୁବାଦିତ ପୁସ୍ତକ ଉନ୍ମୋଚିତ




ଅନୁଗୋଳ, (ସବ୍ୟୁ) : ଅନୁଗୋଳ ସାହିତ୍ୟ ସଂସଦ ଓ ଭାରତ ବିକାଶ ପରିଷଦର ମିଳିତ ଆନୁକୁଲ୍ୟରେ ପୁସ୍ତକ ଉନ୍ମୋଚନ ସମାରୋହ ଆୟୋଜିତ ହୋଇଯାଇଛି ।କାନାଡା ରେ ରହୁଥିବା ଭାରତୀୟ ବଂଶଜ କଥାକାର ଓ ସାମ୍ବାଦିକ ସୁମନ କୁମାର ଘଇ ମୁଖ୍ୟ ଅତିଥି ରୂପେ ସମାରୋହକୁ ଉ'ାଟନ କରିଥିଲେ । ଶ୍ରୀ ଘଇ ନିଜ ଅଭିଭାଷଣରେ ବିଶ୍ୱ ରେ ହିନ୍ଦୀ ସାହିତ୍ୟର ସ୍ଥିତି ଓ ସାମ୍ପ୍ରତିକ ପରିସ୍ଥିତିରେ ଇଣ୍ଟରନେଟ ସାହିତ୍ୟର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଲୋକ ସାହିତ୍ୟକୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ନେବା ପାଇଁ ଉଦ୍ୟମ ହେବା ଆବଶ୍ୟକ ଏବଂ ଅନୁବାଦ ସାହିତ୍ୟରେ ଉଭୟ ଭାଷା ସଂସ୍କୃତିକୁ ନଜାଣିଲେ ତାହା ସଫଳ ହୁଏ ନାହିଁ ବୋଲି ଶ୍ରୀ ଘଇ କହିଥିଲେ । ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଔପନ୍ୟାସିକ କ୍ଷୀରୋଦ ପରିଡ଼ା ଓ ରମା ଗଡ଼ନାୟକ ଭୀମ ଭୋଇଙ୍କୁ ଆଶ୍ଚର୍ଯ୍ୟ କବି ଅବା ଦିବ୍ୟ ଚେତନାର କବି ବୋଲି ଅଭିହିତ କରିଥିଲେ ।

ମାନବବାଦ ଓ ଏକେଶ୍ୱରବାଦ ମହିମା ଧର୍ମର ଅନ୍ତଃସ୍ୱର ବୋଲି କହିବା ସହ ସ୍ତୁତି ଚିନ୍ତାମଣି ଓଡ଼ିଆ ସାହିତ୍ୟକୁ ରୁଦ୍ଧିମନ୍ତ କରି ଆସିଚି ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତ ବିକାଶ ପରିଷଦର ସମ୍ପାଦକ ବିଜୟ ମୋଦି, ବିଶିଷ୍ଟ ଅନୁବାଦକ ତଥା ହିନ୍ଦୀ ସାହିତ୍ୟ ର କଥାକାର ଦିନେଶ ମାଲି ଉପସ୍ଥିତ ଥିଲେ । ଭାରତ ବିକାଶ ପରିଷଦର ସଭାପତି ଶାନ୍ତନୁ କୁମାର ସର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଶାରେ ମହିମା ଧର୍ମର ଅଭ୍ୟୁଦୟ ଓ ଏହାର ପ୍ରଭାବ ଉପରେ ଶ୍ରୀ ସର ଆଲୋଚନା କରିଥିଲେ ।

ସମାରୋହରେ ଶ୍ରୀ ମାଲି ଙ୍କ ପୁସ୍ତକ ସ୍ମୃତିଓଁ କି ଉଡ଼ାନ,ଶହୀଦ ବିକା ନାଏକ କି ଖୋଜ ଓ ସ୍ତୁତି ଚିନ୍ତାମଣିକୁ ମୁଖ୍ୟଅତିଥି ଉନ୍ମୋଚନ କରିବା ସହ ଭୀମ ଭୋଇ ଙ୍କ ସ୍ତୁତି ଚିନ୍ତାମଣି କବିତା ଗ୍ରନ୍ଥ ହିନ୍ଦୀରେ ଅନୁବାଦ ପରେ ଏବେ ତାହା ଭାରତୀୟ ହିନ୍ଦୀ ସାହିତ୍ୟକୁ ରୁଦ୍ଧିମନ୍ତ କରିବ ବୋଲି କହିଥିଲେ । ଏଥିସହ ଜଗନ୍ନାଥ ତ୍ରିୱାରୀଙ୍କ ଗ୍ରାମ୍ୟ ଗାଥାଏଁ ପୁସ୍ତକ ସମାରୋହରେ ଉନ୍ମୋଚିତ ହୋଇଥିଲା । ସମାରୋହରେ ବିଶିଷ୍ଟ ସାହିତ୍ୟିକ ଶ୍ରୀ ଘଇ ତାଙ୍କ ପନିଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସାହିତ୍ୟ ସଂସଦ ସମ୍ପାଦକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପୌରାଞ୍ଚଳରେ ଜନସ୍ୱାସ୍ଥ୍ୟ ପକ୍ଷରୁ ଜଳ ଯୋଗାଣ ଠପ୍

ତାଳଚେର, (ସବ୍ୟୁ): ତାଳଚେର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜକୁ ଦୁଇଦିନ ହେବ ଜଳ ଯୋଗାଣ ଠପ୍ ହୋଇପଡ଼ିଛି । ଫଳରେ ୱାର୍ଡ଼ବାସୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ପୌରପରିଷଦରେ ରହିଥିବା ୨୧ଗୋଟି ଓ୍ୱାର୍ଡ଼କୁ ଜନସ୍ୱାସ୍ଥ୍ୟବିଭଗ ପକ୍ଷରୁ ବ୍ରାହ୍ମଣୀନଦୀରେ ପମ୍ପହାଉସ୍ ନିର୍ମାଣ କରି ଅଂଚଳବାସୀଙ୍କୁ ପାନୀୟଜଳ ଯୋଗାଇ ଦିଆଯାଇଥାଏ । ଏହି ଜଳକୁ ପୌରାଂଚଳ ବାସୀ ଚାହିଁ ରହିଥାନ୍ତି । ଆଜକୁ ଦୁଇଦିନ ହେବ କୌଣସି କାରଣରୁ ପାନୀୟଜଳ ସମ୍ପୂର୍ଣ୍ଣ ବନ୍ଦହେବା ଫଳରେ ୱାର୍ଡ଼ବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଉଥିବା ଅଭିଯୋଗ ହେଉଛି । ଏସମ୍ପର୍କରେ ଜନସ୍ୱାସ୍ଥ୍ୟ କାର୍ଯଯାକଳୟ ପକ୍ଷରୁ କୁହାଯାଇଛି କି, ମଟର ଅଚଳ ହୋଇପଡ଼ିବାରୁ ପାନୀୟଜଳ ବାଧାପ୍ରାପ୍ତ ହୋଇଛି । ତେବେ ଏହି ମଟର କେବେ ଠିକ୍ ହେବ ଲୋକଙ୍କୁ ନିରନ୍ତର ପାନୀୟଜଳ ଯୋଗାଇ ଦିଆଯିବ ତାକୁ ନେଇ କଳ୍ପନାଜଳ୍ପନା ବୃଦ୍ଧି ପାଇଛି ।

# ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ତାଳଚେର, (ସବ୍ୟୁ) : ଆଜି ତାଳଚେର ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ପ୍ରଥମ ରାଷ୍ଟ୍ରିୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତାରେ ୩୨୦ଟି ମକଦ୍ଦମା ଜନିତ, ବ୍ୟାଙ୍କ ସମ୍ପର୍କିତ ମାମଲାରେ ୧ଲକ୍ଷ, ୭୪ହଜାର ୧୬୪ଟଙ୍କା, ୨୨୭ଟି ରାଜସ୍ୱ ମାମଲା ୧୭ହଜାର ୭୬୩ଟଙ୍କାରେ, ୩୩ଟି ଟ୍ରାଫିକ ଚାଲାଣ ମାମଲା ୮୮ହଜାର ୫ଟଙ୍କାରେ, ଟିପିସିଓଡ଼ିଏଲ ର ୪ଟି ମାମଲା ୧ଲକ୍ଷ ୭୬ହଜାଟଙ୍କାରେ ଫଇସଲା କରାଯାଇଥିଲା । ସେଥି ମଧ୍ୟରୁ ସତ୍ୟନାରାୟଣ କର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତାଳଚେରଙ୍କ ଅଦାଲତ ୨୪ଟି ମଟରଯାନ ଦୁର୍ଘଟଣା ଜନିତ ମାମଲାର ଫଇସଲା କରି ୧କୋଟି ୧୨ଲକ୍ଷ, ୯୦ହଜାର ଟଙ୍କା ତତ୍ ସହିତ ୫ଟି ଦେଓ୍ୱାନୀ ୩ଟି ଫୌଜଦାରୀ ଅପିଲ, ୫ଟି ପୌଜଦାରୀ ରିଭିଜନ୍, ୧୧ ସ୍ପେଶାଲ କେସ୍ ସମାଧାନ କରିଥିଲେ । ସେହିଭଳି ତାଳଚେରର ଅନ୍ୟ ଅଦାଲତ ଗୁଡିକ ଚେକ୍ ବାଉସ୍ କରି ୪ଟି ମାମଲାର ବିଚରାକରି ୪ଲକ୍ଷ ୮୭ହଜାର ୭୨୦ଟଙ୍କାରେ ସମାଧାନ କରିଥିଲେ । ଏତଦ୍ ବ୍ୟତୀତ ୧୩ଟି ଦେଓ୍ୱାନୀ ମାମଲାର ସମାଧାନ କରାଯାଇଥିଲା । ୯ଟି ବିଚରାଧନ ବ୍ୟାଙ୍କ ସମ୍ପର୍କିତ ମାମଲା, ୭ଟି ପାରିବାରିକ (ଛାଡ଼ପତ୍ର ବ୍ୟତୀତ) ମାମଲା, ୧୫୬ଟି ପୌଜଦାରୀ ମାମଲା, ୩ଟି ଟ୍ରାଫିକ ଚାଲାଣ ମାମଲା ଫଇସଲା କରାଯାଇଥିଲା । ଏହି ରାଷ୍ଟ୍ରିୟ ଲୋକଅଦାଲତରେ ତାଳଚେରରେ ଥିବା ସମସ୍ତ ଅଦଳତ ବିଭିନ୍ନ ତହସିଲ, ବ୍ୟାଙ୍କ, ଟିପିସିଏଡ଼ିଲ କାର୍ଯଯଳୟ, ପରିବହନ କାର୍ଯଯାଳୟ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ୍ ସହାୟତା କମିଟି ତାଳଚେରର ଅଧ୍ୟ ସତ୍ୟନାରାୟଣ କରଙ୍କ ତତ୍ୱାବଧାନରେ ଅଦାଲତ ଅନୁଷ୍ଠିତ ହୋଇଥିଲା । ସେଥିରେ ବିଚରାପତି ଗଣ, ସରକାରୀ ଓକିଲ, ତାଳଚେର ଓକିଲ, ତାଲୁକ ଆଇନ୍ ସହାୟତା କମିଟି, ତାଳଚେର କର୍ମଚାରୀ ଓ ବିଭିନ୍ନ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# କାମାକ୍ଷାନଗରରେ ରାଷ୍ଟ୍ରୀୟ ଲୋକ ଅଦାଲତ



କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ତାଲୁକ ଆଇନ ସେବା କମିଟି ତରଫରୁ ସ୍ଥାନୀୟ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲା ଦୌରାଜଜ ଇତିଶ୍ରୀ ମାଳବିକା ଭୂୟାଁ ଏବଂ ସବଜଜ ମାମି ବେହେରା ଉପସ୍ଥିତ ରହି ବିଭିନ୍ନ ମାମଲାର ଶୁଣାଣି କରିବା ସହିତ ଅନେକ କେସକୁ ସମାଧାନ କରିଥିଲେ । ଏହି ଲୋକ ଅଦାଲତରେ ୯ଟି ଦୁର୍ଘଟଣା ଜନିତ କେସର ସମାଧାନ କରାଯାଇ ଏକାବନ ଲକ୍ଷ ଦଶହଜାର ଟଙ୍କାର ସେବାରାଶି ପ୍ରଦାନ କରାଯାଇଥିଲା ବେଳେ ଗୋଟିଏ ଅର୍ଥଜନିତ ଓ ଦୁଇଟି ବିଭାଜନ ମାମଲାର ସମାଧାନ କରାଯାଇଥିଲା ।

ଏସଡିଜେଏମ ନିଲୋଫର ଉପସ୍ଥିତ ରହି ସମୁଦାୟ ଛଅଟି ମାମଲାର ସମାଧାନ କରିଥିଲେ । କାର୍ଯ୍ୟକ୍ରମରେ କାମାକ୍ଷାନଗର କୋର୍ଟର ବହୁ ବରିଷ୍ଠ ଓକିଲ, କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ତାଲୁକ ଆଇନ ସେବା କମିଟିର ସଦସ୍ୟମାନେ ଲୋକ ଅଦାଲତ ପରିଚାଳନା ରେ ସହଯୋଗ କରିଥିଲେ ।

# ନୂତନ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟର ତଦାରଖ କଲେ ଜିଲ୍ଲାପାଳ

ଆନନ୍ଦପୁର, (ସବ୍ୟୁ): କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁରର ନୂତନ ବିଦ୍ୟାଳୟ ଭବନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ଅବଲୋକନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ସାଇଟ ଭିଜିଟ କରାଯାଇଥିଲା । ଏହି ଅବସରରେ କେନ୍ଦୁଝର ଜିଲାପାଳ ଓ କେଭି ଆନନ୍ଦପୁରର ଅଧ୍ୟକ୍ଷ ବିଶାଳ ସିଂହଙ୍କ ନେତୃତ୍ୱରେ ଅଧିକାରୀମାନେ ନିର୍ମାଣସ୍ଥଳ ପରିଦର୍ଶନ କରି କାର୍ଯ୍ୟର ପ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଥିଲେ । ସାଇଟ ଭିଜିଟ ସମୟରେ ଉପ-ଜିଲାପାଳ ଆନନ୍ଦପୁର ଓ କେଭି ଆନନ୍ଦପୁରର ନମିନୀ ଅଧ୍ୟକ୍ଷ ନୀଳମାଧବ ସୁନା, ତହସିଲଦାର ଆନନ୍ଦପୁର ଡା. ପଲ୍ଲବୀ ପ୍ରିୟଦର୍ଶିନୀ, କେନ୍ଦ୍ରୀୟ ବିଦ୍ୟାଳୟ ଆନନ୍ଦପୁରର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସର୍ବେଶ୍ୱର ସାହୁ, ଆର୍ ଆଣ୍ଡ ଡିଏମ ବିଭାଗର ଅଧିକାରୀମାନେ ଓ ସିପିଡବ୍ଲ୍ୟୁଡିର ଜୁନିଅର ଇଞ୍ଜିନିୟର ଉପସ୍ଥିତ ଥିଲେ ।ଏହି ଅବସରରେ ସିପିଡବ୍ଲ୍ୟୁଡି ଜୁନିଅର ଇଞ୍ଜିନିୟର ନୂତନ ଭବନ ନିର୍ମାଣ କାର୍ଯ୍ୟର ବର୍ତ୍ତମାନ ଅବସ୍ଥା ଓ ଆଗାମୀ ପରିକଳ୍ପନା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହାସହ ବିଦ୍ୟାଳୟ ଭବନ ନିର୍ମାଣ, ବିଦ୍ୟୁତ ସଂଯୋଗ ଓ ସଂଯୋଗ ସଡ଼କ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ବିଷୟରେ ଆଲୋଚନା ହୋଇଥିଲା ।ଜିଲାପାଳ ବିଶାଳ ସିଂହ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ଅବଲୋକନ କରି ସମ୍ପୃକ୍ତ ସମସ୍ତ ବିଭାଗକୁ କାମକୁ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପ୍ରକଳ୍ପକୁ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନୂତନ ଭବନ ନିର୍ମାଣ ସମାପ୍ତ ହେଲେ ଛାତ୍ରୀଛାତ୍ର ଉନ୍ନତ ଶିକ୍ଷା ପରିବେଶ ଓ ସୁବିଧା ପାଇବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ ।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗର ସମୀକ୍ଷା କଲେ ସାଂସଦ

ନୀଳଗିରି. (ସବ୍ୟୁ): ବାଲେଶ୍ୱର ସାଂସଦ ତଥେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଚାନକ ନୀଳଗିରି ବ୍ଲକ୍ ଗସ୍ତକରି ବିଭିନ୍ନ ପଞ୍ଚାୟତର ଗ୍ରାମବାସୀ ମାନଙ୍କ ଦ୍ୱାରା ହୋଇଥିବା ଉନ୍ନୟନକାର୍ଯ୍ୟର ଅନିୟମିତତା ଅଭିଯୋଗର ସମୀକ୍ଷା କରିଛନ୍ତି ।

ଏହି ଅବସରରେ ସେ ଦୁର୍ନୀତିଖୋରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଏହା ସହିତ ଏକ ପେଡ ମା କେ ନାମ ଅଭିଯାନରେ ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ଦୁର୍ନୀତି ଅଭିଯୋଗ ଉପରେ ତଦନ୍ତକରି ଯଦି କୌଣସି ବ୍ୟକ୍ତି ଦୁର୍ନୀତି ପ୍ରମାଣିତ ହୁଏ କଠୋର କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଂସଦ ନୀଳଗିରି ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପୂର୍ବରୁ ମହିଷାପଟା ପଞ୍ଚାୟତ ପାଟଣାଗ୍ରାମର ପୋଖରୀହୁଡ଼ାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହୋଇଥିବା ବୃକ୍ଷରୋପଣରେ ଅନିୟମିତତାର ଅଭିଯୋଗ ମଧ୍ୟ ସାଂସଦଙ୍କ ନିକଟରେ ଥିଲା । ସାଂସଦଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଓ ଅଭିଯୋଗକାରି ମହିଳା ଓ ପୁରୁଷ ଉପସ୍ଥିତଥିବା ଦେଖାଯାଇଥିଲା ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୪୦୩ଟି ବିଚାର

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ନ୍ୟାୟାଳୟ ପରିସରରେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ରଞ୍ଜନ କୁମାର ସୁତାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସବଜଜ ଲିଙ୍କିପ୍ରିୟା ସାହୁ,ଏସ ଡ଼ି ଜେ ଏମ ସିଙ୍କୁନ ରୟଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସର୍ବମୋଟ ୬୬୭ଟି କ୍ରିମିନାଲ ଓ ରେଭିନ୍ୟୁ କେଶ ବିଚାର ପାଇଁ ଗ୍ରହଣ ଯୋଗ୍ୟ ହୋଇଥିଲା। ତନ୍ମଧ୍ୟରୁ ୪୦୩ ଟି କେଶ ବିଚାର ହୋଇଥିଲା। ବ୍ୟାଙ୍କ ପ୍ରତିଷ୍ଠାନର କେଶ ବିଚାର କରାଯାଇ ବାର ହଜାର ଓ ରେଭିନ୍ୟୁ କେଶ ବିଚାର କରା ଯାଇ ଏକାଅଶୀ ହଜାର ସାତ ସହ ଛତିଶ ଟଙ୍କା ରାଜସ୍ୱ ଆଦାୟ ହୋଇଥିଲା। ଲୋକ ଅଦାଲତର କାର୍ଯ୍ୟକ୍ରମରେ କୋର୍ଟ କର୍ମଚାରୀ ଅମିତ କୁମାର ନାୟକ, ସିଦ୍ଧାର୍ଥ ମହାନ୍ତି ଙ୍କ ସମେତ ଆଠମଲ୍ଲିକ ଓକିଲ ସଂଘ ଓ କ୍ରିମିନାଲ କୋର୍ଟ ବାର ଆସୋସିଏସନର ଆଇନଜୀବମାନେ ଯୋଗ ଦେଇଥିଲେ।

# କିଡ୍‌ନୀ ରୋଗ ପରୀକ୍ଷଣ ଓ ସଚେତନତା ଶିବିର



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହରସ୍ଥିତ ବିନୋଦ ଭବନ ପରିସରରେ ଢେଙ୍କାନାଳବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସହଯୋଗରେ କିଡନୀ ରୋଗ ପରୀକ୍ଷଣ ଏବଂ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଅନୁଷ୍ଠାନର ସଭାପତି ରାଜେନ୍ଦ୍ର କୁମାର ଦାସ ଉଦଘାଟନ କରିଥିଲେ । ରୋଟାରୀ କ୍ଲବର ସଭାନେତ୍ରୀ ସାଗରିକା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଞ୍ଜିବନୀ ସଂଯୋଜକ ଦେବଦତ୍ତ ମିଶ୍ର ଓ ଜିଲ୍ଲା ରେଡକ୍ରସ ଉପାଧ୍ୟକ୍ଷ ରାଜ କିଶୋର ବେହେରା ସଚେତନତା ହିଁ ସୁରକ୍ଷାକୁ ମୂଳଅଧାର କରି ପ୍ରତ୍ୟେକ ଜନସାଧାରଣ ନିଜ ସ୍ତରରେ ଜିଲ୍ଲା ପ୍ରଶାସନ ସହଯୋଗ କେଲ କିଡନୀ ରୋଗକୁ ପ୍ରତିହତ କରାଯାଇପାରିବ ବୋଲି କହିଥିଲେ । ଦ୍ୱିତୀୟ ପର୍ଯ୍ୟାୟ କିଡନୀରୋଗ ପରୀକ୍ଷଣ ଓ ସଚେତନତା ଶିବିରରେଶତାଧିକ ଜନସାଧାରଣ ଯୋଗଦେଇ ନିଜ ରକ୍ତ ନମୂନା ସଂଗ୍ରହରେ ସହଯୋଗ କରିଥିଲେ ।ରକ୍ତ ପରୀକ୍ଷଣରେ ୧୨ ଜଣ ରୋଗୀଙ୍କ ସକାରାତ୍ମକ ରିପୋର୍ଟ ଦର୍ଶାଯାଇଥିଲା ଏବଂ ସେମାନଙ୍କୁ ପରବର୍ତ୍ତି ଚିକିତ୍ସାପାଇଁ ଦିଆଯାଇଥିଲା । ଶେଷରେ ରୋଟାରିଆନ ତପନ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ । ରୋଟାରୀଆନ ନବୀନ ଚନ୍ଦ୍ର ନାରାୟଣ ଦାସ,ବିରଞ୍ଚି ନାରାୟଣ ପାଣି, ପ୍ରଦୋଷ ଶତପଥୀ,ଡା. ଭବାନୀ ଶଙ୍କର ଦାସ,ସୌମ୍ୟ ରଞ୍ଜନ ମିଶ୍ର ଏବଂ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ମହେଶ ପ୍ରସାଦ ଅଗ୍ରଓ୍ୱାଲା, କୃଷ୍ଣଚନ୍ଦ୍ର ଦେବତା, ଲୋକନାଥ ମହାପାତ୍ର, ଦୁଷ୍ମନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଟେକନିସିଆ ଏବଂ ନର୍ସମାନେ ଉପସ୍ଥିତ ରହି ରକ୍ତ ନମୂନା ସଂଗ୍ରହ କରିଥିଲେ ।

# ମଣିନାଥପୁରରେ ଏୟାରଟେଲ ବ୍ୟାଙ୍କ ସେବାକେନ୍ଦ୍ର

ଭଣ୍ଡାରିପୋଖରୀ, (ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଅନ୍ତର୍ଗତ ମଣିନାଥପୁର ନରେନ୍ଦ୍ର ଭବନ ପରିସରରେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ସେବାକେନ୍ଦ୍ର ଗୁରୁବାର କାର୍ଯ୍ୟକ୍ଷମ ହୋଇଛି । ଷୋଳମପୁର ଶିଶୁମନ୍ଦିର ପ୍ରତିଷ୍ଠାତା ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ୟାଙ୍କ ସେବାକେନ୍ଦ୍ର ଉଦଘାଟନ କରିଥିଲେ । ଏଥିରେ ବ୍ୟାଙ୍କ ଜୋନାଲ ପ୍ରବନ୍ଧକ ରତିକ କୁମାର ସାହୁ, ଜୋନାଲ ମ୍ୟାନେଜର ଅଜିତ କୁମାର ପଣ୍ଡା, ପ୍ରମୋଟର ରୂପକ କୁମାର ଦୀକ୍ଷିତ, ସିଇଓ ଅମୂଲ୍ୟ କୁମାର ସାହୁ, ବରିଷ୍ଠ ନାଗରିକ ସୁରେନ୍ଦ୍ର କୁମାର ମହାରଣା, ଉପଦେଷ୍ଟା ଶରତ ଚନ୍ଦ୍ର ମହାରଣା, ଯୁବନେତା ସୁରଥ ଦାସ ଓ ଅବସରପ୍ରାପ୍ତ ଶିକ୍ଷକ ଦୁଃଖିଶ୍ୟାମ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାଦ୍ୱାରା ଲୋକଙ୍କ ଦ୍ୱାରରେ ବ୍ୟାଙ୍କସେବା ଉପଲବ୍ଧ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ୪୦ ଜଣ ଗ୍ରାମବାସୀ ଏହି ଶାଖା କେନ୍ଦ୍ରରେ ନୂତନ ଜମାଖାତା ଖୋଲିଥିଲେ । ଶାଖା ପରିଚାଳକ ନିଶିଥ ମହାରଣା ଧନ୍ୟବାଦ ଦେଇଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ତିହିଡି, (ସବ୍ୟୁ): ତିହିଡି ବ୍ଲକ ଅନ୍ତର୍ଗତ ବାହାବଳପୁର୍ ପଞ୍ଚାୟତର ଦୋହରାସହି ସତ୍ୟସାଇ ମନ୍ଦିର ପରିସରରେ ଏକ ସଚ୍ଛୋକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଉଛି । ଏଥିରେ ୩୭ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଭଦ୍ରକ ବ୍ଲଡ଼ ବ୍ୟାଙ୍କର କର୍ମଚାରୀ ଲିଲିମା ସ୍ୱାଇଁ, ତରଣୀ ଜେନା, ବଳରାମ ପୁହାଣ, ଶେଖ ବୁଦ୍ଧିଆ ରକ୍ତଦାତା ମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ଭଦ୍ରକ ସତ୍ୟସାଇ ବିଦ୍ୟାବିହାରର ସମ୍ପାଦକ ପାର୍ଥସାରଥୀ ନାୟକ, ତିହିଡି ସମିତିର ଆବାହକ ସଞ୍ଜୟ ମହାପାତ୍ର, ଦୋହରସହି ସେବା ଗ୍ରୁପର ଆବାହକ ଲକ୍ଷ୍ମୀଧର ବାରିକ, ହିମାଂଶୁ ନାୟକ, ରମାକାନ୍ତ ନାଥ, ମନୋଜ ଦାସ, ଜଗବନ୍ଧୁ ମାଝି, ଶଶିକାନ୍ତ ବେହେରା, ପ୍ରଦୀପ ବାରିକ, ଶରତ ବେହେରା, ମୁରଲୀ ମଝି, କୁଳମଣି ବାରିକ, ଚନ୍ଦନ ମାଝୀ, ଅନାଦି ବାରିକ, ଅର୍ଚ୍ଚନା ବାରିକ ଓ ମନ୍ଦାକିନୀ କବି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

